## କଟକ ସିଟି





# ପୁଣି କନ୍ଦାଇଲାଣି ପିଆଜ, ଦର ୫୦ ଛୁଇଁଲାଣି

**କଟକ, ୨୨।୨(ସମିସ)**

ପିଆଜ ଦର ଏବେ ଖାଉଟିଙ୍କ ନିଦ ହଜାଇଲାଣି। କିଛି ଦିନ ଦର କମିଆସୁଥିଲା ବେଳେ ପୁଣି ଏହି ଦର ବଢ଼ିବାରେ ଲାଗିଛି। ଗୋଟିଏ ପଟରେ ପନିପରିବା, ଆଳୁ ଦର କମିଥିଲା ବେଳେ ପିଆଜ ଦର କିନ୍ତୁ ଆକାଶଛୁଆଁ ହେବାରେ ଲାଗିଛି। କଟକର ପ୍ରମୁଖ ପରିବା ମଣ୍ଡି ଛତ୍ରବଜାରରେ ପିଆଜ ବ୍ୟବସାୟ ବି କମିଥିବାର କୁହାଯାଉଛି। ଏପରିକି ଏହି ବୃହତ୍ତ ପରିବା ବଜାରକୁ ପିଆଜ ଗାଡି ମଧ୍ୟ ସବୁ ଦିନ ଅଧିକ ପରିମାଣରେ ଆସିପାରୁନାହିଁ। ପିଆଜ ଦର କମିଆସୁଥିଲା ବେଳେ ପୁଣି ବଢ଼ିବା ନେଇ ଖାଉଟି ମହଲରେ ଚିନ୍ତା ପ୍ରକାଶ ପାଇଛି। ଛତ୍ରବଜାରରେ ପିଆଜର ପାଇକାରୀ ଦର ପୁଣି ବଢ଼ିଥିବା ଜଣାପଡ଼ିଛି। ଗତ କିଛି ଦିନ ତଳେ କିଲୋ ପ୍ରତି ୩୦-୩୫ ଟଙ୍କାରେ ବିକ୍ରି ହେଉଥିଲା। ତାହା ଏବେ ୪୫ରୁ ୫୦ଟଙ୍କା ହୋଇଛି।



**ନାସିକ ଉପରେ ଅଧିକାଂଶ ରାଜ୍ୟ ନିର୍ଭରଶୀଳ**

କଟକ ଛତ୍ରବଜାର ବ୍ୟବସାୟୀ ମହାସଂଘର ସମ୍ପାଦକ ଦେବେନ୍ଦ୍ର ନାଥ ସାହୁଙ୍କ କହିବାନୁଯାୟୀ, ମହାରାଷ୍ଟ୍ରରେ ଅଦିନିଆ ବର୍ଷା ପିଆଜ ଦରକୁ ପୁଣି ବଢ଼ାଇଦେଇଛି। ଅଦିନିଆ ବର୍ଷା ପାଇଁ ନାସିକର ନୂଆ ଅମଳ ବାଧାପ୍ରାପ୍ତ ହୋଇଛି ଏବଂ ଏହା ନଷ୍ଟ ହେବାର ଅଧିକ ଆଶଙ୍କା ପ୍ରକାଶ ପାଇଛି। ସେଠାରେ ଦର ଉଚ୍ଚ ରହିଥିବାରୁ ଏଠାରେ ମଧ୍ୟ ପିଆଜ ଦର ଅଧିକ ରହିଥିବାର ଶ୍ରୀ ସାହୁ କହିଛନ୍ତି। କଟକ ଛତ୍ରବଜାରକୁ ଦୈନିକ ୭ଟ୍ରକ ପିଆଜ ଆମଦାନୀ ହେଉଥିଲା ବେଳେ ଏବେ ଆମଦାନୀ ଠିକ ହେଉଛି କିନ୍ତୁ ଅଧିକ ଦରରେ କିଣିବାକୁ ପଡୁଛି ବୋଲି ଶ୍ରୀ ସାହୁ କୁହନ୍ତି। ସେହିପରି ଜାନୁଆରୀ ମାସ ଶେଷ ବେଳକୁ ପୁନେ ଅଞ୍ଚଳର ପିଆଜ ଅମଳ ହୋଇଥାଏ; କିନ୍ତୁ ଏହା ବିଳମ୍ବ ହୋଇଛି। ଏବେ ପିଆଜ କେବଳ ନାସିକରୁ ଆସୁଛି। ଖୁଚୁରା ବଜାରରେ ପିଆଜ ପୁଣି ୬୦ ଟଙ୍କା ହେବାର ସମ୍ଭାବନା ରହିଛି। ପଡୋଶୀ ଆନ୍ଧ୍ରପ୍ରଦେଶ ଓ ବେଙ୍ଗାଲୁରୁ ଆଦି ଅଞ୍ଚଳରୁ ପିଆଜ ଆମଦାନୀ ଏବେ ବନ୍ଦ ରହିଛି। ଅଧିକାଂଶ ପଡୋଶୀ ରାଜ୍ୟରେ ପିଆଜ ଚାଷ ଏଥର କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନେ ବି ନାସିକ ଉପରେ ନିର୍ଭର କରୁଛନ୍ତି। ବହୁ ରାଜ୍ୟ ନିର୍ଭର କରୁଥିବାରୁ ଏଠାରେ ଚାଷୀମାନେ ଅଧିକ ଦର କଷୁଛନ୍ତି। ଓଡ଼ିଶାର କେତେକ ଜିଲ୍ଲାରେ ପିଆଜ ଉତ୍ପାଦନ ସମୟ ହୋଇ ନ ଥିବାରୁ ଏହି ପିଆଜ ବାହାରିବା ବିଳମ୍ବ ହେବ ବୋଲି କୁହାଯାଉଛି। ଅନୁଗୁଳ, ଟିଟିଲାଗଡ଼ ଆଦି ଅଞ୍ଚଳର ପିଆଜ ଆସିଲେ ଚାହିଦା କେତେକାଂଶରେ ପୂରଣ କରିବ ବୋଲି ବ୍ୟବସାୟୀ ମତ ଦିଅନ୍ତି। ବଜାରରେ ଆଳୁ ଓ ପନିପରିବା ଦର ଯଥେଷ୍ଟ କମ ରହିଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ବିଶେଷ କରି ଆଳୁ ବିହନ ଲାଗିବା ବେଳେ ଦର ୩୦ଟଙ୍କା ଥିବା ବେଳେ ଅମଳ ବେଳକୁ ଏହା ୧୦-୧୨ଟଙ୍କା ରହିଛି।

### ଏସ୍‌ସିବିରେ ସଫଳ ଚିକିତ୍ସା

# ମା’ ହେଲେ ‘ନେଫ୍ରୋଟିକ୍ ସିଣ୍ଡ୍ରୋମ୍’ ଆକ୍ରାନ୍ତ ମହିଳା

**କଟକ, ୨୨।୨(ସମିସ):** ନେଫ୍ରୋଟିକ ସିଣ୍ଡ୍ରୋମ ଭଳି ଜଟିଳ ବୃକ୍‌କ ରୋଗରେ ପୀଡ଼ିତ ଜଣେ ମହିଳା ମା’ ହୋଇଛନ୍ତି। ବଡ଼ ମେଡିକାଲରେ ଏହି ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ଏସ୍‌ସିବି ନେଫ୍ରୋଲୋଜି ବିଭାଗ ଏବଂ ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗର ଡାକ୍ତରମାନଙ୍କ ଦ୍ୱାରା ଗୁରୁତର ମହିଳାଙ୍କର ସୁରକ୍ଷିତ ପ୍ରସବ ହୋଇଛି। ମିଳିଥିବା ସୂଚନା ଅନୁସାରେ, ବାଲେଶ୍ୱର ଚନ୍ଦନେଶ୍ୱର ଅଞ୍ଚଳର ସୀତାରାଣୀ ଦାସଙ୍କ ବୟସ ୨୩ବର୍ଷ। ପିଲା ବେଳୁ ସେ ବୃକକ ରୋଗରେ ଆକ୍ରାନ୍ତ ଥିଲେ। ବିବାହ ପରେ ଗର୍ଭଧାରଣରେ ସୀତାରାଣୀଙ୍କ ସମସ୍ୟା ଦେଖା ଦେଇଥିଲା। ଗର୍ଭନଷ୍ଟ ହେବା ଭଳି ସମସ୍ୟାର ସମ୍ମୁଖୀନ ମଧ୍ୟ ହୋଇଥିଲେ। ଦୁଇବର୍ଷ ପୂର୍ବେ ଗର୍ଭଧାରଣ କରିବାର ୫ମାସ ପରେ ଗର୍ଭସ୍ଥ ଶିଶୁ ମୃତ୍ୟୁ ବରଣ କରିଥିଲା। ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିବା ହେତୁ ଗତ ମାସରେ ସୀତାରାଣୀଙ୍କୁ ପରିବାର ଲୋକେ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ନେଫ୍ରୋଲୋଜି ବିଭାଗରେ ଚିକିତ୍ସିତ ହେବା ପରେ ଗତ ୧୫ ତାରିଖରେ ତାଙ୍କୁ ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରସୂତି ବିଭାଗ ମୁଖ୍ୟ ଡାକ୍ତର ସସ୍ମିତା ସ୍ୱାଇଁ, ନେଫ୍ରୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ଅରୁଣା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅସ୍ତ୍ରୋପଚାର କରାଯାଇଥିଲା। ସୀତାରାଣୀଙ୍କ ଏକ କନ୍ୟା ଜନ୍ମ ହୋଇଛି। ଉଭୟ ମା’ ଏବଂ ଶିଶୁ ସୁସ୍ଥ ଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

## ଛାତରୁ ଖସି ମହିଳା ମୃତ

**ତ୍ରିଶୂଳିଆ, ୨୨।୨(ସମିସ):** ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଅରିଲୋ ଗ୍ରାମରେ ଘର ଛାତରୁ ଖସି ଜଣେ ମହିଳା ମୃତ। ଶନିବାର ପୂର୍ବାହ୍ନ ୯ଟା ସମୟରେ ଅରିଲୋ ଗ୍ରାମର ସଂସାର ରାଉତଙ୍କ ପତ୍ନୀ ବିନତୀ ରାଉତ (୪୧) ନିଜ ଘର ଛାତ ଉପରେ ଲୁଗା ଶୁଖାଇବା ପାଇଁ ଯାଇଥିଲେ। ଲୁଗା ଶୁଖାଇ ଫେରୁଥିବା ସମୟରେ ସିଡ଼ିରୁ ଗୋଡ଼ ଖସି ଯିବା ହେତୁ ବିନତୀ ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ବିନତୀଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ପରିବାର ଲୋକ ବିନତୀଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଡାକ୍ତର ବିନତୀଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପରିବାର ଲୋକ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପେସାଦାର ଚୋର ଗିରଫ

**କଟକ, ୨୨।୨(ସମିସ):** ଚାଉଳିଆଗଞ୍ଜ ଥାନା ପୁଲିସ ଜଣେ ପେସାଦାର ଚୋରକୁ ଆଜି ଗିରଫ କରିଛି। ଅଭିଯୁକ୍ତ ଜଣକ ହେଉଛି ସ୍ଥାନୀୟ ମଙ୍ଗଳାସାହିର ରାଜା ଓରଫ ଓମପ୍ରକାଶ ପୃଷ୍ଟି(୨୫)। ତା’ ପାଖରୁ ଗୋଟିଏ ଚୋରି ବାଇକ, ଗୋଟିଏ ସାଇକେଲ ଓ ୬ଟି ମୋବାଇଲ ଜବତ କରାଯାଇଛି।

ପୁଲିସ ସୂଚନା ଅନୁସାରେ, ଅପର୍ଣ୍ଣାନଗର ଅଞ୍ଚଳର ସନ୍ତୋଷ କୁମାର ଦାସ ଗତ ମାସରେ ଅଭିଯୋଗ କରିଥିଲେ ଯେ ସେ ଶୋଇଥିବା ସମୟରେ ଘରର ମୁଖ୍ୟ କବାଟ ଖୋଲା ରହିଥିଲା। ଏହି ସୁଯୋଗରେ କେହି ଘରେ ପଶି ତାଙ୍କର ମୋବାଇଲ ଓ ୫୦ ହଜାର ଟଙ୍କା ଚୋରାଇ ନେଇଛି। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ଯାଇଥିବା ମୋବାଇଲ ବନ୍ଦ ଥିବାରୁ ଟ୍ରାକିଂରୁ ଅବସ୍ଥିତି ଜଣାପଡ଼ି ନଥିଲା। ଗତ ଦୁଇ ଦିନ ତଳେ ଚୋରି ଯାଇଥିବା ମୋବାଇଲର ଅବସ୍ଥିତି ମଙ୍ଗଳାସାହିରେ ଥିବା ଜଣାପଡ଼ିଲା। ଏହାପରେ ପୁଲିସ ରାଜାର ଘରେ ଚଢଉ କରି ଯାଞ୍ଚ କରିବା ପରେ ସେଠାରୁ ଅଭିଯୋଗକାରୀ ସନ୍ତୋଷଙ୍କ ଚୋରି ମୋବାଇଲ ମିଳିଥିଲା। ତଦନୁଯାୟୀ ଅଭିଯୁକ୍ତ ରାଜାକୁ ଗିରଫ କରିଥିଲା। ତେବେ ଜେରା ପରେ ସେ ଜଣେ ପେସାଦାର ଚୋର ହୋଇଥିବା ଜଣାପଡ଼ିଥିଲା। ପୂର୍ବରୁ ସେ ବାଇକ, ସାଇକଲ ଓ ଆହୁରି ୫ଟି ମୋବାଇଲ ଚୋରି କରିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ତାର ସୂଚନା ଆଧାରରେ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ କରି ସମସ୍ତ ଚୋରି ଜିନିଷକୁ ଜବତ କରିବାରେ ସକ୍ଷମ ହୋଇଛି।



ଅଭିଯୁକ୍ତ ରାଜା ନାମରେ ପୂର୍ବରୁ ୬ଟି ଅପରାଧୀକ ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି। ଫଳରେ ନୂଆ ଘଟଣାକୁ ମିଶାଇ ମାମଲା ସଂଖ୍ୟା ୭ରେ ପହଞ୍ଚିଛି। କୋର୍ଟ ଚାଲାଣ ପରେ ତାକୁ ଜେଲ୍ ପଠାଇ ଦିଆଯାଇଥିବା ଥାନାଧିକାରୀ ଚିନ୍ତେଶ୍ୱର ମୁଣ୍ଡା ସୂଚନା ଦେଇଛନ୍ତି।

## ଗାଡ଼ି ଚୋରି ଉଦ୍ୟମ; ଯୁବକ ଅଟକ

**କଟକ, ୨୨।୨(ସମିସ):** ନିଶାସକ୍ତ ଅବସ୍ଥାରେ ଗାଡି ଚୋରି ଉଦ୍ୟମ କରୁଥିବା ଜଣେ ଯୁବକକୁ ବାଦାମବାଡ଼ି ଥାନା ପୁଲିସ ଅଟକ ରଖିଛି। ସେ ହେଉଛି ଝାଞ୍ଜିରୀମଙ୍ଗଳା ଅଞ୍ଚଳର ରାଜା ଓରଫ ରାଜ କୁମାର ବେହେରା(୨୪)।

ପୁଲିସ ସୂଚନା ଅନୁସାରେ, ଶୁକ୍ରବାର ସନ୍ଧ୍ୟାରେ ଝାଞ୍ଜିରୀମଙ୍ଗଳା ଅଞ୍ଚଳର ତୋଫାନ କୁମାର ଓଝା ନିଜର ବାଇକକୁ ଘର ସମ୍ମୁଖରେ ରଖିଥିଲେ। ଏହି ସମୟରେ ପ୍ରଚୁର ମଦ୍ୟପାନ କରିଥିବା ରାଜା ସେହିବାଟ ଦେଇ ଯାଉଥିଲା। ଗାଡି ହ୍ୟାଣ୍ଡେଲ ଖୋଲାଥିବା ଦେଖି ଚୋରାଇ ନେବାକୁ ଚିନ୍ତା କରିଥିଲା। ଏହାପରେ ସେ ଗାଡିକୁ କିଛି ବାଟ ଗଡ଼େଇ ନେଉଥିବା ସମୟରେ ତୋଫାନଙ୍କ ଜଣେ ପରିଚିତ ବ୍ୟକ୍ତିଙ୍କ ନଜର ତା’ ଉପରେ ପଡ଼ିଥିଲା। ଚୋର ଚୋର କହି ପାଟି କରିବାରୁ ଆଖପାଖର ଲୋକ ସେଠାକୁ ଧାଇଁଆସି ରାଜାକୁ ଘେରିଯାଇ ମାରପିଟ କରିଥିଲେ। ଫଳରେ ସେ ରକ୍ତାକ୍ତ ହୋଇପଡ଼ିଥିଲା। ଖବର ପାଇ ବାଦାମବାଡି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତଙ୍କ କବଳରୁ ରାଜାକୁ ଉଦ୍ଧାର କରି ପ୍ରଥମେ ଚିକିତ୍ସା ପାଇଁ ତାକୁ ମେଡିକାଲ ନେଇଯାଇଥିଲା। ପରେ ତାକୁ ଆଣି ପଚରାଉଚରା କରିବାରୁ ମଦ ନିଶାରେ ଗାଡିକୁ ନେଉଥିଲା ବୋଲି ରାଜା କହିଥିଲା। ଅନ୍ୟପଟେ ଅଧିକ ଯାଞ୍ଚ ପରେ ରାଜା ଜଣେ ନିଶାଖୋର ହୋଇଥିବା ଜଣାପଡ଼ିଛି। ତା’ ନାମରେ ପୂର୍ବରୁ କୌଣସି ମାମଲା ନଥିବା ଜଣାପଡ଼ିବାରୁ ପୋଲିସ ତାକୁ ନୋଟିସ ଦେଇ ଛାଡି ଦେଇଥିବା ଥାନା ଅଧିକାରୀ ଅଜୟ କୁମାର ରାଉଳ ସୂଚନା ଦେଇଛନ୍ତି।

### ଦିନିକିଆ ଫୁଟ୍‌ବଲ

## କିଶୋର କ୍ଲବ୍‌କୁ ହରାଇ ୟୁନିଟ୍-୬ ଚାମ୍ପିଅନ




**କଟକ, ୨୨।୨(ସମିସ):** ମର୍ଣ୍ଣିଂ ଫୁଟବଲ କ୍ଲବ ଆନୁକୂଲ୍ୟରେ ବିଡାନାସୀ ଖେଳ ପଡ଼ିଆରେ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ରୋମାଞ୍ଚକ ଫାଇନାଲ ମୁକାବିଲାରେ ଭୁବନେଶ୍ୱର ୟୁନିଟ-୬ କ୍ଲବ ୨-୧ ଗୋଲରେ କିଶୋର କ୍ଲବକୁ ପରାସ୍ତ କରି ଚାମ୍ପିଅନ ହୋଇଛି। ପ୍ରତିଯୋଗିତାରେ ୮ଟି ଦଳ ଭାଗ ନେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଏସ୍‌ବିଆଇ କଟକ ମଣ୍ଡଳର ଆଞ୍ଚଳିକ ଅଧିକାରୀ ଭବାନୀ ଶଙ୍କର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟିକା ସୋଫିଆ ଫିର୍ଦ୍ଦୋଶ ଅତିଥି ଭାବେ ଯୋଗ ଦେଇ ବିଜୟୀ, ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ। ବିଜୟୀ ୟୁନିଟ-୬ କ୍ଲବକୁ ଟ୍ରଫି ସମେତ ୧୫ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ଦିଆଯାଇଥିଲା। ରନର୍ସଅପ କିଶୋର କ୍ଲବକୁ ଟ୍ରଫି ସହ ପୂର୍ବତନ ଫୁଟବଲ ଖେଳାଳି ସୁରେଶ ସାମଲଙ୍କ ସ୍ମୃତିରେ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରମେଶ ଚନ୍ଦ୍ର ମଲ୍ଲିକ ଏବଂ ଅଭିନ୍ନ ସୁନ୍ଦର ରାଉତ ଖେଳ ପରିଚାଳନା କରିଥିଲେ।

## ପରିତ୍ୟକ୍ତ କାର୍ ଜବତ



**ତ୍ରିଶୂଳିଆ, ୨୨।୨(ସମିସ):** ତ୍ରିଶୂଳିଆ ବଜାର ନିକଟସ୍ଥ ତ୍ରିଶୂଳିଆ ବାରଙ୍ଗ ମୁଖ୍ୟ ରାସ୍ତାକଡ଼ରୁ ସନ୍ଦେହଜନକ ଅବସ୍ଥାରେ ଗୋଟିଏ କାରକୁ ଜବତ କରିଛି ବାରଙ୍ଗ ପୁଲିସ। ତ୍ରିଶୂଳିଆ-ବାରଙ୍ଗ ମୁଖ୍ୟରାସ୍ତାରେ ଏକ ଘରୋଇ ପ୍ରତିଷ୍ଠିତ କମ୍ପାନୀର ବୈଦ୍ୟୁତିକ ଘରୋଇ ଉପକରଣ ବିକ୍ରୟ ଦୋକାନ ସମ୍ମୁଖରେ ଏକ ଧଳା ରଙ୍ଗର ଓଆର ୦୨ ବିଡି ୮୭୪୫ କାରଟି ୪-୫ଦିନ ହେବ କେହି ଜଣେ ବ୍ୟକ୍ତି ରଖି ଦେଇ କେଉଁଆଡେ ପଳାଇ ଯାଇଛନ୍ତି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଲୋକମାନଙ୍କ ମନରେ ସନ୍ଦେହ ହୋଇଥିଲା। ପରେ ବାରଙ୍ଗ ଥାନା ପୁଲିସକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ବାରଙ୍ଗ ପୁଲିସ ପହଞ୍ଚି ଉକ୍ତ ସ୍ଥାନରୁ କାରଟିକୁ ଜବତ କରିଥିଲେ।

# କଟକରେ କବାଡ଼ି ମହାକୁମ୍ଭ; ଆଜି ସରିବ

**କଟକ, ୨୨।୨(ସମିସ):** ଜବାହରଲାଲ ନେହରୁ ଇନ୍‌ଡୋୟର ଷ୍ଟାଡିୟମରେ ଚାଲିଥିବା ୭୧ତମ ବରିଷ୍ଠ କବାଡି ଜାତୀୟ ଚାମ୍ପିଅନସିପ୍‌ର ୩ୟ ଦିବସ ବେଶ୍ ରୋମାଞ୍ଚକର ରହିଥିଲା। ଶନିବାର ପ୍ରତିଯୋଗିତାର ସମସ୍ତ ପ୍ରି-କ୍ୱାର୍ଟର ଏବଂ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଘରୋଇ ପରିବେଶରେ ଆୟୋଜକ ଓଡ଼ିଶା ଦୁର୍ଭାଗ୍ୟବଶତଃ ପ୍ରି-କ୍ୱାର୍ଟର ରାଉଣ୍ଡରେ ପରାସ୍ତ ହୋଇ ଅଭିଯାନ ଶେଷ କରିଥିଲା। ତେବେ ଆଜି ମ୍ୟାଚ୍ ଦେଖିବାକୁ ଜର୍ମାନୀ ଏବଂ ଅଷ୍ଟ୍ରେଲିଆର ୨ଜଣ ଲେଖାଏ ହକି ଖେଳାଳି ଆସିଥିଲେ। ଏମାନଙ୍କୁ ଓଡ଼ିଶା କବାଡି ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବିବାର ସେମିଫାଇନାଲ ଏବଂ ଫାଇନାଲ ମୁକାବିଲା ହେବ। ସନ୍ଧ୍ୟାରେ କବାଡି ମହାକୁମ୍ଭ ଉଦ୍‌ଯାପିତ ହେବ।









# ବଡମ୍ବା ବ୍ଲକରେ ବୃକ୍କ ରୋଗ ଆତଙ୍କ

## ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ନିରବଦ୍ରଷ୍ଟା



ବଡମ୍ବା,୨୨।୨(ସମିସ): କଟକ ଜିଲ୍ଲା ବଡମ୍ବା ବ୍ଲକରେ ପ୍ରାୟ ଦୁଇ ବର୍ଷ ହେବ ବୃକ୍କ ରୋଗ ଜନିତ ରୋଗରେ ବହୁ ଲୋକ ପ୍ରାଣ ହରାଉଥିବା ବେଳେ ପ୍ରଶାସନ ତରଫରୁ କୌଣସି ପ୍ରକାର ନିରାକରଣ କରାଯାଉ ନାହିଁ। ବଡମ୍ବା ବ୍ଲକର ୩୮ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରତିଦିନ ଜଣେ ଜଣେ ବ୍ୟକ୍ତି ବୃକ୍କ ରୋଗରେ ପ୍ରାଣ ହରାଉଥିବା ଦେଖିବାକୁ ମିଳୁଛି। ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହେଉଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ତତ୍ପରତା ଦେଖିବାକୁ ମିଳୁନାହିଁ। କେବଳ ବଡମ୍ବା ବ୍ଲକ ନୁହଁ ନରସିଂହପୁର ବ୍ଲକରେ ମଧ୍ୟ ବୃକ୍କ ରୋଗ ପ୍ରଖର ମାତ୍ରାରେ ବଢ଼ି ଚାଲିଛି। ଏନେଇ ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ନରସିଂହପୁର ବ୍ଲକ ଓ ବଡମ୍ବା ବ୍ଲକରେ ହଜାର ହଜାର ଲୋକ ବୃକ୍କ ରୋଗରେ ପୀଡିତ ହୋଇ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାଠାରୁ ଆରମ୍ଭ କରି ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସା ହୋଇ ସର୍ବଶେଷରେ ନିଜର ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବିକ୍ରୟ କରି ମଧ୍ୟ ବୃକ୍କ ରୋଗରୁ ମୁକ୍ତି ପାଇପାରୁ ନାହାନ୍ତି। ବୃକ୍କ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପରିବାର ଲୋକ ଦୁଃଖରେ କାଳତିପାତ କରୁଛନ୍ତି। ଏହି ଖବର ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ରାଜ୍ୟ ସରକାରଙ୍କ ତରଫରୁ ନରସିଂହପୁର ଠାରେ ବୃକ୍କ ରୋଗୀଙ୍କ ପାଇଁ ଏକ ଡାଇଲେସିସି ସେଣ୍ଟର କରାଯାଇଥିଲା ଯାହାକି ନାମକୁ ମାତ୍ର। କାରଣ ବଡମ୍ବା ନରସିଂହପୁରରେ ବୃକ୍କ ରୋଗୀ ହଜାର ହଜାର ଥିବା ବେଳେ ଏକ ମାତ୍ର ଡାଇଲେସିସି ସେଣ୍ଟର ନରସିଂହପୁରରେ ନିର୍ମାଣ କରାଯାଇଛି। ବଡମ୍ବାରେ ଆଉ ଏକ ଡାଇଲେସିସି ସେଣ୍ଟର କରିବା ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ତାହା ଏ ପର୍ଯ୍ୟନ୍ତ ହେଲା ନାହିଁ। ବୃକ୍କ ରୋଗ କେଉଁ କାରଣରୁ ବ୍ୟାପୁଛି ତାହା ପ୍ରଶାସନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଏ ପର୍ଯ୍ୟନ୍ତ ଅନୁସନ୍ଧାନ କରି ନ ଥିବା ବେଳେ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଅନୁସାରେ ପାନୀୟ ଜଳ ଯୋଗୁଁ ବୃକ୍କ ରୋଗ ବହୁ ମାତ୍ରାରେ ବଢ଼ିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ସରକାରଙ୍କ ତରଫରୁ ଜନସାଧାରଣଙ୍କ ପାଇଁ ପାନୀୟ ଜଳର ସୁବିଧା ହୋଇପାରିଲା ନାହିଁ। ସରକାରଙ୍କ ତହବିଲରୁ କୋଟି କୋଟି ଟଙ୍କା ପାନୀୟ ଜଳ ବାବଦରେ ଖର୍ଚ୍ଚ ହେଉଥିଲେ ମଧ୍ୟ ଲୋକମାନଙ୍କ ସେବାରେ ପାନୀୟ ଜଳ ଲାଗିପାରୁ ନାହିଁ। ଏ ପର୍ଯ୍ୟନ୍ତ ଲୋକମାନେ ନଳକୂପର ଲୁହାଜନିତ ପାଣିକୁ ସେବନ କରୁଛନ୍ତି ଏବଂ ନଦୀକୁଳିଆ ଅଞ୍ଚଳ ଲୋକମାନେ ମହାନଦୀ ପାଣି ଉପରେ ନିର୍ଭରଶୀଳ ଅଛନ୍ତି। ରିପୋର୍ଟ ଲେଖା ସୁଦ୍ଧା ବଡମ୍ବା ବ୍ଲକ ବେଲିଆପାଳ ପଞ୍ଚାୟତର ଡମଣଗାଡ଼ିଆ ଗ୍ରାମରୁ ୨ ଜଣ ଓ ବେଲିଆପାଳ ଗ୍ରାମରୁ ପ୍ରାୟ ୪୫ ଜଣ, ରତାପାଟ ଗ୍ରାମରୁ ୨୦ ଜଣ, ଅମାନ୍ତିଆ ଗ୍ରାମରୁ ୩ ଜଣ, ଜାନିସାହି ଗ୍ରାମରୁ ପ୍ରାୟ ୨୫ ଜଣଙ୍କ ବୃକ୍କ ରୋଗରେ ମୃତ୍ୟୁ ହୋଇଥିବା ବେଳେ କଣ୍ଟି, ଗମେଇଁ ଓ ଶଶାଙ୍ଗରୁ ଜଣେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଏନେଇ ବଡମ୍ବା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଦୟଜ୍ୟୋତି ମଲ୍ଲିକଙ୍କୁ ଯୋଗାଯୋଗ ବିଫଳ ହେବାରୁ କଟକ ସିଡିଏମଓ ଡା. ପ୍ରସନ୍ନ କୁମାର ହୋତାଙ୍କୁ ମଧ୍ୟ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ଏହା ସମ୍ଭବ ହୋଇପାରି ନାହିଁ। ବଡମ୍ବା ନରସିଂହପୁର ଅଞ୍ଚଳରୁ କିଭଳି ବୃକ୍କ ରୋଗର ନିରାକରଣ ହେବ ଓ ବୃକ୍କ ରୋଗୀଙ୍କୁ ମାଗଣା ଚିକିତ୍ସା ସହ ମାଗଣା ଔଷଧ ବଣ୍ଟନ କରିବା ପାଇଁ ସାଧାରଣରେ ଦାବି ହେଉଛି। ବୃକ୍କ ଜନିତ ରୋଗରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରକୁ ସରକାରୀ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବା ପାଇଁ ଦାବି ହେଉଛି।

## ତିଗିରିଆ ଓକିଲ ସଂଘ ନିର୍ବାଚନ ପାଇଁ ତନ୍ମୟ ମିଶ୍ର ନିର୍ବାଚନ ଅଧିକାରୀ



ତିଗିରିଆ,୨୨।୨(ସମିସ): ତିଗିରିଆ ଓକିଲ ସଂଘର ୨୦୨୫-୨୬ ବର୍ଷର କର୍ମକର୍ତ୍ତା ନିର୍ବାଚନ ପାଇଁ ସର୍ବସମ୍ମତିକ୍ରମେ ଆଇନଜୀବୀ ତନ୍ମୟ କୁମାର ମିଶ୍ରଙ୍କୁ ନିର୍ବାଚନ ଅଧିକାରୀ ରୂପେ ମନୋନୀତ କରାଯାଇଛି। ଓକିଲ ସଂଘର ସଭାଗୃହରେ ସଭାପତି ମଙ୍ଗଳକୃଷ୍ଣ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ସରୋଜ କୁମାର ସାହୁ, ସାନ୍ତନୁ କୁମାର ଦାଶ, ପଠାଣି ଚରଣ ବେହେରା, ରଘୁନାଥ ଦାଶ, ଲଳିତକୃଷ୍ଣ ଦାସ, ସୁରେଶ ଚନ୍ଦ୍ର ସାହୁ, ଇଭା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ସଂକ୍ରାନ୍ତରେ ବିଭିନ୍ନ ଆଲୋଚନା କରିବା ସହ ଆସନ୍ତା ନିର୍ବାଚନରେ ନିର୍ବାଚନ ଅଧିକାରୀ ରୂପେ ଶ୍ରୀ ମିଶ୍ରଙ୍କୁ ଚୟନ କରିଥିଲେ। ସଂଘର ସଂପାଦକ ଚନ୍ଦ୍ରମଣି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା / ଜେଲ୍‌ଗଲା ଅଟକ ସ୍ୱାମୀ



ଟାଙ୍ଗୀ,୨୨।୨(ସମିସ): ଟାଙ୍ଗୀ ଥାନା ଡ୍ରିମ୍ବ ଫାଣ୍ଡି ଅଧୀନ ଜରିପଡ଼ା ପଞ୍ଚାୟତ ଜଗନ୍ନାଥପୁର (ସାମନ୍ତରାପୁର) ଗ୍ରାମର ଜଣେ ବିବାହିତ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ଅଟକ ସ୍ୱାମୀକୁ ଶନିବାର ଅଦାଲତ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ଜଗନ୍ନାଥପୁର ଗ୍ରାମର ରାଜୁ ଓରଫ ରାଜେନ୍ଦ୍ର ସ୍ୱାଇଁ (୩୦) ୨୦୨୩ ଡିସେମ୍ବର ୧୦ ତାରିଖରେ ଯାଜପୁର ଜିଲ୍ଲା ବୈରୀ ଥାନା ରଙ୍ଗିଦାସପୁର ଗ୍ରାମର ନିର୍ମଳ ପ୍ରଧାନଙ୍କ କନ୍ୟା ସିତୁଙ୍କୁ ବିବାହ କରିଥିଲେ। କିଛି ମାସ ଭଲରେ ଦିନ କଟିବା ପରେ ସିତୁ ଏକ ପୁତ୍ରସନ୍ତାନ ଜନ୍ମ କରିଥିଲେ। ସବୁ ଠିକ୍ ଥିବାବେଳେ ଗତ କିଛି ମାସ ହେଲା ଯୌତୁକକୁ କେନ୍ଦ୍ରକରି ସିତୁକୁ ଶାଶୂ ଘର ଲୋକେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଯାହାକି ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଥିଲା। ତେବେ ବାପଘର ରଙ୍ଗିଦାସପୁର ଗ୍ରାମରେ ପ୍ରତିବର୍ଷ ଅନୁଷ୍ଠିତ ଯଜ୍ଞ ଉପଲକ୍ଷେ ଆୟୋଜିତ କଳସ ଶୋଭାଯାତ୍ରାରେ ସିତୁ ଭାଗ ନିଏ। ଚଳିତବର୍ଷ ଯଜ୍ଞ ଉପଲକ୍ଷେ ବାପଘର ଯିବାଲାଗି ସିତୁ ପ୍ରସ୍ତୁତ ହୋଇ ବୁଧବାର ସନ୍ଧ୍ୟା ୭ ଘଟିକାରେ ଘରକୁ ଫୋନ୍ କରିଥିଲେ। କିନ୍ତୁ ପ୍ରାୟ ୧ ଘଣ୍ଟା ପରେ ସିତୁ ଆତ୍ମହତ୍ୟା କରିଥିବା ଖବର ପାଇ ପରିବାର ଲୋକେ ଚକିତ ହୋଇଯାଇଥିଲେ। ଫାଶୀ ଲଗାଇ ଆତ୍ମହତ୍ୟା କଥା କୁହାଯାଇଥିଲେ ହେଁ ସିତୁଙ୍କ ପରିବାର ଲୋକେ ପହଞ୍ଚି ସିତୁ ମୃତ ଅବସ୍ଥାରେ ଖଟ ଉପରେ ଶୋଇଥିବା ଦେଖିଥିଲେ। ଖବର ପାଇ ଟାଙ୍ଗୀ ପୁଲିସ ପହଞ୍ଚି ଅଭିଯୁକ୍ତ ସ୍ୱାମୀକୁ ନିଜ ଅଧୀନକୁ ନେଲାପରେ ଗୁରୁବାର ମାଜିଷ୍ଟ୍ରେଟ ଓ ସାଇଣ୍ଟିଫିକ୍ ଟିମ୍ କରିଆରେ ମୃତଦେହ ଜବତ ପୂର୍ବକ ବ୍ୟବଚ୍ଛେଦ କରାଯାଇଥିଲା। ଥାନା କେସ୍ ନଂ-୪୬/୨୫, ଦଫା-୮୫/୮୦(୨),୧୦୩(୧),୩(୫) ବିଏନଏସ୍ ଓ ଆର୍ ଡବ୍ଲୁ ସେକ୍ସନ ୪ ଡିପି ଆକ୍ଟ ଅନୁଯାୟୀ ଅଭିଯୁକ୍ତ ନାମରେ ମାମଲା ରଜୁ ହୋଇଥିବା ଆଇଆଇସି ଶିବପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ମସ୍ତିଷ୍କାଘାତରେ ଚାଷୀଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୨୨।୨(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ରାମକୃଷ୍ଣପୁର ଗ୍ରାମର ଆଦର୍ଶ ଚାଷୀ ଧର୍ମପ୍ରାଣ ସ୍ୱର୍ଗତ ନିରଞ୍ଜନ ଜେଠୀ (୭୫)ଙ୍କର ମସ୍ତିଷ୍କାଘାତରେ ପରଲୋକ ହୋଇଛି। ଶୋକାକୁଳ ପରିବେଶରେ ତାଙ୍କ ମରଶରୀରକୁ ନିଜ ଗ୍ରାମକୁ ଅଣାଯିବା ପରେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର କିଶୋର କୁମାର ଜେଠୀ ମୁଖାଗ୍ନି ଦେଇଥିଲେ।

## ଜଗତପୁର-ନିଶ୍ଚିନ୍ତକୋଇଲି ରାସ୍ତାରେ ଭାରୀଯାନ ଚଳାଚଳ ରୋକ୍ ଅବଧି ୨୧ ମାର୍ଚ୍ଚ ପର୍ଯ୍ୟନ୍ତ ବୃଦ୍ଧି

ସାଲେପୁର,୨୨।୨(ସମିସ): କଟକ-ଚାନ୍ଦବାଲି ରାସ୍ତାର ଜଗତପୁରଠାରୁ ନିଶ୍ଚିନ୍ତକୋଇଲି ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ରୋକ ଲଗାଇବା ଅବଧିକୁ କଟକ ଜିଲ୍ଲାପାଳ ପୁନଶ୍ଚ ବୃଦ୍ଧି କରିଛନ୍ତି। ଟ୍ରାଫିକ୍ ସମସ୍ୟା ଏବଂ ଛୋଟବଡ଼ ଦୁର୍ଘଟଣାକୁ ଆଖିଆଗରେ ରଖି କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ ପ୍ରଥମ ପର୍ଯ୍ୟାୟ କଟକଣା ଅବଧିକୁ ଶନିବାର ପୁଣି ମାର୍ଚ୍ଚ ୨୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ରାସ୍ତା ଦେଇ ୬ ଚକିଆରୁ ୧୮.୫ଟନ୍ ଊର୍ଦ୍ଧ୍ୱ ଓଜନର ଆଇରନ୍, ମାଙ୍ଗାନିଜ, କ୍ରୋମ୍, ମାଇନର ମିନେରାଲ, କୋଇଲା ଇତ୍ୟାଦି ବୋଝେଇ ଗାଡ଼ି ଗୁଡିକ ଏହି ରାସ୍ତାଦେଇ ଚଳାଚଳ ଉପରେ ନିଷେଧ ଜାରି କରିଛନ୍ତି। ଯଦି କୌଣସି ଗାଡ଼ି ଚାଳକ ବା ମାଲିକ ଏହି ନିୟମକୁ ବେଖାତିର କରି ଉକ୍ତ ରାସ୍ତା ଦେଇ ଟ୍ୟାକ୍ସ ଫାଙ୍କିବା ଉଦ୍ଦେଶ୍ୟରେ ଯାତାୟତ କରନ୍ତି, ସେମାନଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ବାଳକୃଷ୍ଣ ହାଇସ୍କୁଲରେ ସାମାଜିକ ସମୀକ୍ଷା



ନିଶ୍ଚିନ୍ତକୋଇଲି,୨୨।୨(ସମିସ): ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଯୋଜନା କାର୍ଯ୍ୟକ୍ରମର ସଫଳ ରୂପାୟନ ସଂକ୍ରାନ୍ତ ଯାଞ୍ଚ ପାଇଁ ବ୍ଲକ ସୋସିଆଲ ଅଡ଼ିଟର ଗାୟତ୍ରୀ ପୂଜାରୀଙ୍କ ନିର୍ଦ୍ଦେଶରେ ବିଭିନ୍ନ ବିଦ୍ୟାଳୟରେ ସାମାଜିକ ସମୀକ୍ଷା କରାଯାଇଛି। ଏହି ଅବସରରେ ଝାରପଡ଼ା କ୍ଲଷ୍ଟର ଅଧିନସ୍ଥ ଜିଗ୍ନୀପୁର ପଞ୍ଚାୟତ ସ୍ଥିତ ବାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଫଗୋଳ ପଞ୍ଚାୟତ ସ୍ଥିତ ପାଇକରାପୁର ନୋଡ଼ାଲ ଉପ୍ରା ବିଦ୍ୟାଳୟରେ ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଛି। କ୍ଲଷ୍ଟରସ୍ତରୀୟ ସୋସିଆଲ ଅଡିଟର ନସିମା ବିବି ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ବିଦ୍ୟାଳୟର ସମସ୍ତ ରେକଡର୍‌ପତ୍ର ଯାଞ୍ଚ କରାଯିବା ସହିତ ସମସ୍ତ ତଥ୍ୟ ସମ୍ବଳିତ ସମୀକ୍ଷା କରାଯାଇଥିଲା। ନିୟମାନୁଯାୟୀ ସମୀକ୍ଷାର ଶେଷ ଦିନରେ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସେନାପତିଙ୍କ ପୌରହିତ୍ୟରେ ଆୟୋଜିତ ଏକ ସଭାରେ ଆଲୁମନି କମିଟିର ସଭାପତି ସୁରେନ୍ଦ୍ରନାଥ ରାଉତ, ସ୍କୁଲ ପରିଚାଳନା କମିଟି ସଭାପତି ମନୋଜ ଘଡ଼ାଇ, ଶିକ୍ଷୟିତ୍ରୀ ସବିତା ମିଶ୍ର, ସନ୍ଧ୍ୟାରାଣୀ ଜେନା, ସୁସ୍ମିତା ପାଲ, ତପସ୍ୱିନୀ ସେଠୀ, ଶିକ୍ଷକ ରବୀନ୍ଦ୍ରନାଥ ମିଶ୍ର, ପାର୍ଥସାରଥୀ ମହାନ୍ତି, ପ୍ରଭାକର ସ୍ୱାଇଁ, ରବିନାରାୟଣ ସାହୁ, ନିରଞ୍ଜନ ପୃଷ୍ଟି, ରାଜଗୋପାଳ ନାୟକ, କମିଟିର ସଭ୍ୟା ବୀଣାପାଣି ସାମଲ, ଅଞ୍ଜନା ସାହୁ ଓ ରାଜଲକ୍ଷ୍ମୀ ମହାରଣା ସ୍କୁଲ ସାମାଜିକ ସୁରକ୍ଷାର ସଫଳତା ସଂକ୍ରାନ୍ତରେ ଆଲୋଚନା କରିଥିଲେ। ବହୁ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ। ସୋସିଆଲ ଅଡିଟର ନସିମା ବିବି ବିଦ୍ୟାଳୟର ସାମାଜିକ ସମୀକ୍ଷାର ସଫଳ ରୂପାୟନ ହୋଇଥିବା ପ୍ରକାଶ କରିଥିଲେ।

■ ମଣ୍ଡିରେ ଧାନ ନେଉନାହାନ୍ତି ମିଲ୍ ମାଲିକ

## ସୋସାଇଟି ସମ୍ମୁଖରେ ଚାଷୀଙ୍କ ଧାରଣା



ସାଲେପୁର,୨୨।୨(ସମିସ): ସୋସାଇଟି ସଭାପତି ଓ ମିଲରଙ୍କ ସଲାସୁତରା ଯୋଗୁ ଶହ ଶହ କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ଚାଷୀମାନେ ଟୋକନ୍ ପାଇଥିଲେ ମଧ୍ୟ ସେମାନଙ୍କ ଧାନକୁ ମିଲ୍ ମାଲିକ ନ ନେବାରୁ ବହୁ ଚାଷୀ ସୋସାଇଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଜଣାଯାଇଛି। ଖବରରୁ ପ୍ରକାଶ ଯେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଭୀମଦାସପୁର ପଞ୍ଚାୟତର ଭୀମଦାସପୁର ସେବା ସମବାୟ ସମିତିରେ ଗତ ଜାନୁୟାରୀ ୨୪ତାରିଖରେ ଧାନ ଦେବା ପାଇଁ ଚାଷୀମାନେ ଟୋକନ୍ ପାଇଥିଲେ। ଉକ୍ତ ତାରିଖରେ ଚାଷୀଙ୍କର ଧାନ ନିଆଯାଇପାରି ନ ଥିବାରୁ ସୋସାଇଟି ପକ୍ଷରୁ ଫେବୃଆରୀ ୨୨ଦିନ ସେମାନଙ୍କ ଧାନ ନେବା ପାଇଁ କୁହାଯାଇଥିଲା। ସୋସାଇଟିର ପ୍ରତିଶ୍ରୁତି ଅନୁଯାୟୀ ପ୍ରାୟ ୭୫ଜଣ ଚାଷୀ ନିଜ ନିଜର ଧାନ ଦେବା ପାଇଁ ମଣ୍ଡିରେ ନିଜ ନିଜର ଧାନ ନେଇ ପହଞ୍ଚିଥିଲେ ମଧ୍ୟ ସ୍କାନ୍ ହୋଇ ନ ପାରିବାରୁ ଚାଷୀମାନେ ଧାନ ଦେବାରୁ ବଞ୍ଚିତ ହୋଇଛନ୍ତି। ଫଳରେ ଏହାର ପ୍ରତିବାଦରେ ସେମାନେ ସୋସାଇଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ସେଠାରେ ଉତ୍ତେଜନା ଦେଖାଯାଇଥିଲା। ସୋସାଇଟି ସଭାପତି ଓ ମିଲରଙ୍କ ସଲାସୁତରା ଯୋଗୁ ଏହିଭଳି ସମସ୍ୟା ସୃଷ୍ଟି ହେଉଥିବାରୁ ଚାଷୀମାନେ ସୋସାଇଟି କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ଜପକୁଦ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀ ଚାଷୀମାନଙ୍କୁ ବୁଝାସୁଝା କରିବା ସହ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରି ଚାଷୀମାନଙ୍କୁ ନୂତନ ତାରିଖରେ ଧାନ ଦେବାପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ହୃଦ୍‌ଘାତରେ ଯୁବକଙ୍କ ଅକାଳ ବିୟୋଗ



ନେମାଳ,୨୨।୨(ସମିସ): ନେମାଳ ଗ୍ରାମପଞ୍ଚାୟତ ନେମାଳ ଗ୍ରାମର ପ୍ରମୋଦ କୁମାର ସୂତାର (୪୬)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ହୃଦ୍‌ଘାତରେ ବିୟୋଗ ହୋଇଛି। ସେ ଜଣେ ଗରିବ ଓ ଅଭାବୀ ପରିବାରର ବ୍ୟକ୍ତି। ସ୍ଥାନୀୟ ଅଞ୍ଚଳରେ ସେ ଜଣେ ଘରୋଇ ଗାଡି ଚାଳକ ଭାବେ କାର୍ଯ୍ୟ କରି ଦୁଇ ପଇସା ରୋଜଗାର କରି ପରିବାର ଭରଣପୋଷଣ କରୁଥିଲେ। ତାଙ୍କ ବୃଦ୍ଧ ପିତା ଗୋପୀନାଥ ସୂତାର ପକ୍ଷାଘାତ ରୋଗରେ ପୀଡିତ। ମା’ ମଧ୍ୟ ରୋଗାଗ୍ରସ୍ତ। ସ୍ୱର୍ଗତ ସୂତାରଙ୍କ ଗୋଟିଏ ଝିଅ +୨ ଶ୍ରେଣୀରେ ପାଠ ପଢୁଥିବା ବେଳେ ପୁଅ ସପ୍ତମ ଶ୍ରେଣୀରେ ଅଧ୍ୟୟନରତ। ପ୍ରମୋଦଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳରେ ଶହ ଶହ ବ୍ୟକ୍ତି ଓ ଡ୍ରାଇଭର ସଂଘର ଅନେକ ଭାଇମାନେ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ। ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ସ୍ୱର୍ଗତ ସୂତାରଙ୍କ ଅନ୍ତିମ ସତ୍କାର କରାଯାଇଥିଲା। ପୁତ୍ର ଆଦିତ୍ୟ ମୁଖାଗ୍ନି ପ୍ରଦାନ କରିଥିଲେ। ନେମାଳ ସରପଞ୍ଚ ସସ୍ମିତା ମହାନ୍ତି ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ସହାୟତା ପ୍ରଦାନ କରିଥିଲେ।

## ଶ୍ରୀ ଶ୍ରୀ ୟୁନିଭର୍ସିଟି ପକ୍ଷରୁ କୃଷକ ସହଯୋଗୀ ମେଳା




ଆଠଗଡ,୨୨।୨(ସମିସ): ଆଠଗଡ ବ୍ଲକ ଧୁରୁଷିଆ ପଞ୍ଚାୟତ ଅଧୀନ ଗୋପାଳପ୍ରସାଦ ଗ୍ରାମରେ ଶ୍ରୀ ଶ୍ରୀ ୟୁନିଭର୍ସିଟି ପକ୍ଷରୁ ଶନିବାର କୃଷକ ସହଯୋଗୀ ମେଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଯୋଗଦେଇ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ୟୁନିଭର୍ସିଟିର ଭିସି ଡ. ତେଜ ପ୍ରତାପ, କୃଷି ବିଭାଗ ଡିନ୍ ଡ. କେ ସ୍ୱାମୀ, କୃଷି ସଂପ୍ରସାରଣ ବିଭାଗ ଅଧ୍ୟାପକ ଡ. ଶତ୍ରୁଜିତ୍ ପଣ୍ଡାଙ୍କ ସମେତ ଜିଲ୍ଲା ଓ ଆଠଗଡ ଉପଖଣ୍ଡର କୃଷି ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ଚାଷୀମାନେ ଜୈବିକ ପଦ୍ଧତିରେ ଚାଷ କରି ଅଧିକ ଉତ୍ପାଦନ କରିବା ନେଇ ବିଭିନ୍ନ ପ୍ରଣାଳୀ ସଂପର୍କରେ ୟୁନିଭର୍ସିଟିର ଛାତ୍ରଛାତ୍ରୀମାନେ ପ୍ରାକ୍ଟିକାଲ କରି ବୁଝାଇଥିଲେ। ମୁଖ୍ୟଅତିଥି ଶ୍ରୀ ସ୍ୱାଇଁ ଚାଷ ଲାଗି ନୂତନ ପଦ୍ଧତିରେ ଜୈବିକ ଉପାୟରେ ଚାଷ କରି ଲାଭବାନ ହେବେ ସେଥିନେଇ ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ସହାର୍ଯ୍ୟ ନେବା ତଥା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଚାଷୀମାନଙ୍କ ପାଖକୁ ଯାଇ ସେମାନଙ୍କୁ ସହଯୋଗର ହାତ ବଢାଇଲେ ଚାଷୀମାନଙ୍କ ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ବିଭିନ୍ନ ଷ୍ଟଲ ମାଧ୍ୟମରେ ଜୈବିକ ସାରଠାରୁ ଆରମ୍ଭ କରି ବିଭିନ୍ନ ଉପାୟର ଚାଷ ପଦ୍ଧତି, ଅମଳ ହେଉଥିବା ବିଭିନ୍ନ ସାମଗ୍ରୀରୁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥ ତିଆରି ସମେତ ଚାଷପାଇଁ ବିଭିନ୍ନ ସରଞ୍ଜାମ ଆଦି ପ୍ରଦର୍ଶିତ ହୋଇଥିଲା।

## ବିଦ୍ୟାଳୟରେ ସାମାଜିକ ନ୍ୟାୟ ଦିବସ



ବଡମ୍ବା,୨୨।୨(ସମିସ): ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନବିକ ମୂଲ୍ୟବୋଧ ପ୍ରତିଷ୍ଠା ତଥା ସଚେତନତା ଲକ୍ଷ୍ୟରେ ବିଦ୍ୟାଳୟର ସଂସ୍କୃତି କ୍ଲବର ଗାଇଡ ଶିକ୍ଷକ ଅଶୋକ କୁମାର ଧଳଙ୍କ ସଂଯୋଜନାରେ ଆୟୋଜିତ ଆଲୋଚନାଚକ୍ରରେ ପ୍ରଧାନଶିକ୍ଷକ କାମରାଜ ସାହୁ ସଭାପତିତ୍ୱ କରିଥିଲେ। ଦାରିଦ୍ର୍ୟ, ଲିଙ୍ଗଗତ ଅସମାନତା, ବେକାରୀ, ମାନବାଧିକାର ତଥା ସାମାଜିକ ସୁରକ୍ଷା ସମ୍ପର୍କିତ ସମସ୍ୟା ଗୁଡ଼ିକ କିପରି ଦୂର ହୋଇପାରିବ ଏବଂ ସାମାଜିକ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଯଥାର୍ଥତା ଉପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମତ ଉପସ୍ଥାପନା କରିଥିଲେ। ଶିକ୍ଷୟିତ୍ରୀ ମିନାକ୍ଷୀ ସ୍ୱାଇଁ, ପଙ୍କଜିନୀ ଭୋଇ, ମନୋରମା ବେହେରା, ତୃପ୍ତିମୟୀ ପଣ୍ଡା ଶିକ୍ଷକ ହୃଦାନନ୍ଦ ମଙ୍ଗରାଜ, ରାକେଶ ଜେନା, ନବମ ଶ୍ରେଣୀର ଛାତ୍ରୀ ଅବନ୍ତିକା ସାମନ୍ତରାୟ, ବର୍ଷା ବେହେରା, ଚିନ୍ମୟୀ ଦାସ, ସ୍ମୃତିରଞ୍ଜନ ପଣ୍ଡା ଓ ସ୍ୱାଧୀନ ସାହୁ ପ୍ରମୁଖ ଜାତୀୟ ମାନବାଧିକାର ଓ ସାମାଜିକ ନ୍ୟାୟ ଆୟୋଗଙ୍କ କାର୍ଯ୍ୟାଧାରା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିଲ୍ଲୀପ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନୂତନ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ



ଟାଙ୍ଗୀ,୨୨।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ କାନପୁର ଗ୍ରାମରେ ନୂତନ ମା ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାରି ଦିନ ଧରି ଅନୁଷ୍ଠିତ ହୋଇ ଶନିବାର ଉଦଯାପିତ ହୋଇଯାଇଛି। ଉକ୍ତ ଦିନ ମାନଙ୍କରେ କାକଟପୁର ପୀଠରୁ ମାଁଙ୍କ ଆଜ୍ଞାମାଳ ଆଗମନ, ଅଙ୍କୁରାରୋପଣ, ଧାନାଦିବାସ, ସୂର୍ଯ୍ୟପୂଜା, କଳସ ଯାତ୍ରା, ବିଗ୍ରହ ପୂଜା, ଦେବୀ ମନ୍ଦିରରେ ପ୍ରବେଶ ଓ ପୂର୍ଣ୍ଣାହୁତି ଆଦି ପୂଜାମାନ କରାଯାଇଥିଲା। ସୁନାମଧନ୍ୟ ପାଲା ଗାୟକ ପିୟୂଷ ନୃସିଂହ ସାଥୀଙ୍କ ସହ ପାଲା ପରିବେଷଣ କରିଥିଲେ। ପ୍ରଗତି ମିଲ୍କର ଏମଡି ପ୍ରଦୋଷ କୁମାର ରାଉତ, ଭାରତ ମସଲା ପ୍ରଡକ୍ସନ ମ୍ୟାନେଜର ନବକୃଷ୍ଣ ପ୍ରଧାନ, ସନ୍ତୋଷ କୁମାର ରାଉତରାୟ, ଭଗବାନ ମହାନ୍ତି, ରତ୍ନାକର ପ୍ରଧାନ, ସୁକାନ୍ତ ରାଉତରାୟ, ରଙ୍ଗାଧର ବେହେରା, ଅଜିତ ଲେଙ୍କା ଓ ଗଗନ ବିହାରୀଙ୍କ ସମେତ କାନପୁର ଗ୍ରାମବାସୀ ପ୍ରମୁଖ ସହଯୋଗ କରିଥିଲେ। ଅଞ୍ଚଳର ବିଭିନ୍ନ ଗ୍ରାମର ଶ୍ରଦ୍ଧାଳୁଙ୍କ ସହ ବିଭିନ୍ନ ରାଜନୈତିକ ଦଳର ନେତୃମଣ୍ଡଳୀ, ଶିକ୍ଷାବିତ, ସମାଜସେବୀ ଓ ଲୋକପ୍ରତିନିଧି ଯୋଗଦେଇ ଆଶୀର୍ବାଦ ଲାଭ କରିଥିବା ଜଣାପଡିଛି।

୫୦ ତମ ପ୍ରତିଷ୍ଠା ଦିବସ

## ‘ନିରତାର’ର ସେବା ଓ ନିଷ୍ଠା ଅନୁକରଣୀୟ




କଣ୍ଟାପଡ଼ା, ୨୨।୨(ସମିସ): ଭିନ୍ନକ୍ଷମମାନଙ୍କ ଚିକିତ୍ସା, ସେବା ଓ ପୁନର୍ବାସ ପାଇଁ ନିଷ୍ଠାର ସହିତ କାର୍ଯ୍ୟକରି ସେବା ପ୍ରଦାନ କରୁଥିବା ଜାତୀୟ ଦିବ୍ୟାଙ୍ଗ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା (ଏସ୍‌ଭି ନିରତାର)ର କାର୍ଯ୍ୟକୁ ଦେଶର ଅନ୍ୟ ଅନୁଷ୍ଠାନମାନେ ଅନୁକରଣ କରିବା ଦରକାର ବୋଲି ଆଜି ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ଓଲଟପୁର ଠାରେ ଅବସ୍ଥିତ ଏସ୍‌ଭି ନିରତାରର ୫୦ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି। ଏଥିସହ ନିରତାରର ଥିବା ପୁରୁଣା ପ୍ରେକ୍ଷାଳୟର ନବୀକରଣ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଉପସ୍ଥିତ ଛାତ୍ରଛାତ୍ରୀ, ରୋଗୀ, ରୋଗୀ ଅବିଭାବକ, ଡାକ୍ତର, କର୍ମଚାରୀ ଓ ଜନସାଧାରଣଙ୍କୁ ସମ୍ବୋଧିତ କରି ପ୍ରକାଶ କରିଛନ୍ତି। ଆଜି ପୂର୍ବାହ୍ନରେ ନିରତାର ପ୍ରେକ୍ଷାଳୟରେ ଆୟୋଜିତ ଏହି ପ୍ରତିଷ୍ଠା ଦିବସରେ ମୁଖ୍ୟଅତିଥି ଶ୍ରୀ ଆହୁଜାଙ୍କ ସହ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଅତିରିକ୍ତ ସଚିବ ଦୀପକ ରାଉତରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରାରମ୍ଭରେ ନିରତାର ବୈଷୟିକ ଉପନିର୍ଦ୍ଦେଶକ ଡା. କିଶୋର ଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନିରତାର ନିର୍ଦ୍ଦେଶକ ଡ. ପତିତ ପାବନ ମହାନ୍ତି ସଂସ୍ଥାର ବିସ୍ତୃତ ବିବରଣୀ ଓ ଚିକିତ୍ସା ସେବା ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ଦ୍ୱୟ ଅନ୍ତେବାସୀ ରୋଗୀଙ୍କୁ ଫଳ ଓ ଦିବ୍ୟାଙ୍ଗଙ୍କୁ ବିଭିନ୍ନ ସହାୟକ ଉପକରଣ ବଣ୍ଟନ କରିଥିଲ। ବାର୍ଷିକ କ୍ରୀଡାର ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ସଫଳତା ହାସଲ କରିଥିବା କର୍ମଚାରୀ, ଛାତ୍ରଛାତ୍ରୀ ଓ ଦିବ୍ୟାଙ୍ଗଙ୍କୁ ଅତିଥି ଦ୍ୱୟ ପୁରସ୍କୃତ କରିଥିଲେ। ଶେଷରେ ପ୍ରଶାସନିକ ଉପନିର୍ଦ୍ଦେଶକ ଙ୍କ ସତ୍ୟଜିତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମାହାଙ୍ଗା ବିଧାୟକଙ୍କ ବିରୋଧରେ ବ୍ଲକ୍ ଅଧ୍ୟକ୍ଷାଙ୍କ ସାମ୍ବାଦିକ ସମ୍ମିଳନୀ

# ବିପିଏଲ୍ ତାଲିକାଭୁକ୍ତ ବ୍ୟକ୍ତି କିପରି ପାଲଟିଲେ କୁବେର ?

ଭଦ୍ରେଶ୍ୱର/ମାହାଙ୍ଗା,୨୨।୨(ସମିସ)



ଏକ ସମ୍ବାଦଦାତା ସମ୍ମିଳନୀରେ ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପା ମଲିକ ବିଧାୟକ ସାରଦା ପ୍ରଧାନଙ୍କୁ କଡ଼ା ଜବାବ ଦେଇଛନ୍ତି। ବିଧାନସଭା ଭଳି ପବିତ୍ର ଗୃହରେ ମିଛ ବିବୃତି ରଖି ସାହିତ୍ୟ ସଂସ୍କୃତି ସମ୍ପନ୍ନ ମାହାଙ୍ଗା ମାଟିକୁ ବିଧାୟକ ଶ୍ରୀ ପ୍ରଧାନ ଲଜ୍ଜିତ କରିଛନ୍ତି ବୋଲି ଦୀପା କହିଛନ୍ତି। ସେ କହିଛନ୍ତି ଯେ ବିଧାୟକ ସାରଦା ପ୍ରଧାନ ବିଧାନସଭାରେ ମାହାଙ୍ଗା ବ୍ଲକରେ ବହୁ ଦୁର୍ନୀତି ହୋଇଥିବା କହିଛନ୍ତି। ଯଦି ସତ୍‌ସାହସ ଅଛି ତେବେ ବିଧାୟକ ଏହି ଦୁର୍ନୀତିର ପ୍ରମାଣ ଦିଅନ୍ତୁ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ମାତ୍ର ଏହା ପରିବର୍ତ୍ତେ ଦୁର୍ନୀତି ଆଳ ଦେଖାଇ କାହିଁକି ଉନ୍ନୟନ କାର୍ଯ୍ୟରେ ସେ ବାଧା ସୃଷ୍ଟି କରୁଛନ୍ତି? ୧୯୯୭ ମସିହାରେ ବିପିଏଲ ତାଲିକାଭୁକ୍ତ ବ୍ୟକ୍ତି କିପରି ହଠାତ କୁବେର ପାଲଟି ଯାଇଛନ୍ତି ତହାର ସ୍ପଷ୍ଟୀକରଣ ମଧ୍ୟ ବିଧାୟକ ମାହାଙ୍ଗାବାସୀଙ୍କ ନିକଟରେ ରଖନ୍ତୁ ବୋଲି ଦୀପା କହିଛନ୍ତି। ଅପରପକ୍ଷେ ବ୍ଲକ କାର୍ଯ୍ୟାଳୟ ଅଧୀନରେ ହୋଇଥିବା ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ରହିଥିବା ବେଳେ ନିଜ ଗାଁ ଓ ଗ୍ରାମପଞ୍ଚାୟତର ବ୍ୟକ୍ତି ବିଶେଷଙ୍କ ଦ୍ୱାରା କିପରି କାର୍ଯ୍ୟ ସମ୍ପାଦନ ହୋଇଥାଏ ସେ ନେଇ ମଧ୍ୟ ସ୍ପଷ୍ଟୀକରଣ ରଖିଛନ୍ତି ଅଧ୍ୟକ୍ଷା ଦୀପା ମଲ୍ଲିକ। ସେହିପରି ବିଧାୟକଙ୍କ ସମର୍ଥକମାନେ ଏହି ବ୍ଲକର ୩ଟି ପଞ୍ଚାୟତରେ ସରକାରୀ ନୀତି ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି କାର୍ଯ୍ୟ କରିଥିବା ଅଭିଯୋଗ ଆଣିଛନ୍ତି। କୁହୁଣ୍ଡା, ବରାହିପୁର ଓ ଉମର ପଞ୍ଚାୟତରେ କାର୍ଯ୍ୟାଦେଶ ନ ହୋଇ ବିନା ଅଟକଳରେ କିପରି ଲକ୍ଷ ଲକ୍ଷ ଟଙ୍କାର କାର୍ଯ୍ୟ କରି ବିଧାୟକଙ୍କ ସମର୍ଥକ ଠିକାଦାର ସାଜିଛନ୍ତି ତାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ବ୍ଲକ ଅଧ୍ୟକ୍ଷା ସରକାରୀ ଫାଇଲ୍ ନେଇ ଯିବାରୁ ବ୍ଲକର ଉନ୍ନୟନ କାର୍ଯ୍ୟରେ ବାଧା ଉପୁଜୁଛି ବୋଲି ବିଧାୟକଙ୍କ ଅଭିଯୋଗ ସଂକ୍ରାନ୍ତରେ ବ୍ଲକ୍ ଅଧ୍ୟକ୍ଷା କହିଛନ୍ତି ଯେ କିଛି ଅଧିକାରୀ ରାଜନୈତିକ ଚାପରେ କୋଟି କୋଟି ଟଙ୍କାର ମିଥ୍ୟା ବିଲ୍ କରିବା ପାଇ ଯୋଜନା କରିଥିଲେ। ପ୍ରମାଣ ମିଳିବା ପରେ ଏହି ଫାଇଲକୁ ମୁଁ ଜବତ କରିଛି। ଫଳରେ ମିଥ୍ୟା ବିଲ ନ ହୋଇପାରିବାରୁ ବିଧାୟକ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ବ୍ଲକ ପରିସରରେ ଧାରଣା ଦେଇଥିବା ଲୋକପ୍ରତିନିଧି ଓ ପୁଲିସ ଅଧିକାରୀଙ୍କୁ ମାଡ଼ ମରାଯିବା ପଛରେ ବିଧାୟକ ଶ୍ରୀ ପ୍ରଧାନଙ୍କ ହାତ ଅଛି ବୋଲି ବ୍ଲକ୍ ଅଧ୍ୟକ୍ଷା କହିଛନ୍ତି।

## ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ଗଣ୍ଡଗୋଳ ଘଟଣା

# ଘଟଣାରେ ସାମିଲ ୨ ଜଣଙ୍କୁ ଗିରଫକଲା ପୁଲିସ

**ମାହାଙ୍ଗା/ଭଦ୍ରେଶ୍ୱର,୨୨।୨(ସମିସ):** ମାହାଙ୍ଗା ପଞ୍ଚାୟତ ସମିତିରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ବିଲ ଅର୍ଥ ପ୍ରଦାନ କରାଯାଉ ନ ଥିବା ଓ ନିର୍ବାଚିତ ଜନପ୍ରତିନିଧିଙ୍କୁ ବ୍ଲକ ପ୍ରଶାସନ ଅସହଯୋଗ କରିଆସୁଥିଲା। ଏହା ପ୍ରତିବାଦରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚ, ସମିତିସଭ୍ୟସଭ୍ୟା ଓ ଜିଲ୍ଲା ପରିଷଦମାନେ ଧର୍ମଘଟ କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ରହିଥିଲେ। ଗତ ଗୁରୁବାର ୨୦ ତାରିଖ ମଧ୍ୟାହ୍ନ ସମୟରେ ଧାରଣାକୁ ଭଣ୍ଡୁର କରିବା ପାଇଁ ଶାସକ ଦଳର ସମର୍ଥକ ଧାରଣାସ୍ଥଳ ନିକଟରେ ଚେୟାର ପକାଇ ବସିବା ସହ ଧାରଣାକାରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଯାହାକୁ ପୁଲିସ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପ୍ରତିରୋଧ କରାଯାଇଥିବାବେଳେ ଏହାକୁ ଖାତିର ନ କରି ଶାସକ ଦଳର ସମର୍ଥକମାନେ ଧାରଣାକାରୀଙ୍କ ଉପରକୁ ଚେୟାର ଫୋପାଡ଼ି ଥିଲେ। ଫଳରେ ଘଟଣାସ୍ଥଳରେ ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ସାଲେପୁର ଏସଡିପିଓ ବିରଞ୍ଚି ନାରାୟଣ ପତିଙ୍କ ମୁଣ୍ଡରେ ଚେୟାର ବାଜି ଆଘାତ ହେବା ସହ ରକ୍ତସ୍ରାବ ହୋଇଥିଲା। ଯାହାକୁ ନେଇ ପୁଲିସ ଲାଠିଚାଳନା କରିଥିଲା। ପରେ ଏହି ଘଟଣାର ସିସିଟିଭି ଫୁଟେଜ ଆଧାରରେ ପୁଲିସ ନିଜ ପକ୍ଷରୁ କେସ ନଂ ୪୮/୨୫ରେ ଏକ ମାମଲା ରୁଜୁ କରି ଗଣ୍ଡଗୋଳକାରୀ ଜଳେଶ୍ୱରପୁର ଗ୍ରାମର ନିର୍ମଳ ପ୍ରଧାନ ଓ ନୁର୍ତାଙ୍ଗ ଗ୍ରାମର ଚକ୍ରଧର ପରମାଣିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ସାଲେପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।





# ଦୁର୍ଘଟଣାରେ ଜଣେ ଗୁରୁତର

**ମଙ୍ଗୁଳି,୨୨।୨(ସମିସ):** ୧୬ନଂ ଜାତୀୟ ରାଜପଥରେ ପୁଣି ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ମଙ୍ଗୁଳି ଫାଣ୍ଡି ଛକରୁ ଅପର ପାର୍ଶ୍ୱକୁ ଅତିକ୍ରମ କରୁଥିବା ବେଳେ ଜଣେ ବ୍ୟକ୍ତିଙ୍କ ଉପରେ ଏକ ଘରୋଇ ବସ ଚଢ଼ିଯାଇଛି। ସୂଚନା ଅନୁଯାୟୀ ସିସିଟିଭି କ୍ୟାମେରାରେ ଏହି ଦୁର୍ଘଟଣାର ସମସ୍ତ ଘଟଣା ରେକର୍ଡ ହୋଇଥିବା ବେଳେ ଦୁର୍ଘଟଣାରେ ବ୍ୟକ୍ତି ଜଣକ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ଲଢେଇ କରୁଥିବା ଜଣାପଡ଼ିଛି। ବିଗତ ଦିନରେ ଦୈନିକ ଖବର କାଗଜ 'ସକାଳ'ରେ ବେଆଇନ ପାର୍କିଂ ହେଉ କିମ୍ବା ଟ୍ରାଫିକ ପୋଷ୍ଟର ଦାବିକୁ ନେଇ ଖବର ପ୍ରକାଶ ପାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନର ନିଦ ଭାଙ୍ଗୁ ନ ଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି।

# ବରିଷ୍ଠ ନାଗରିକ ବ୍ରଜବନ୍ଧୁ ମିଶ୍ରଙ୍କ ପରଲୋକ

**କଟକ,୨୨।୨(ସମିସ):** ୫୨ନଂ ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ରନଗର ମହଲା ସଭାର ପୂର୍ବତନ ସଭାପତି ତଥା ବରିଷ୍ଠ ନାଗରିକ ସଂଘର ଉପଦେଷ୍ଟା ବ୍ରଜବନ୍ଧୁଙ୍କ ମିଶ୍ର (୮୮)ଙ୍କ ପରଲୋକ ହୋଇଯାଇଛି। ସେ ହୃଦରୋଗ ଓ ବୃକକ ଜନିତ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଶେଷ ସମୟରେ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକଗତ ଖବର ପ୍ରଚାରିତ ହେବା ପରେ ରାଜେନ୍ଦ୍ରନଗରସ୍ଥିତ ବାସଭବନରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ବରିଷ୍ଠ ନାଗରିକ ଶରତ ଚନ୍ଦ୍ର ପତି, ଗଜେନ୍ଦ୍ରନାଥ ନାୟକ, କୃଷ୍ଣଚନ୍ଦ୍ର ମହନ୍ତ, କ୍ଷିରୋଦ ମହାନ୍ତି, ଫକିରଚନ୍ଦ୍ର ନାୟକ, ମହେନ୍ଦ୍ର ଷଡ଼ଙ୍ଗୀ, ପ୍ରଶାନ୍ତ ପଣ୍ଡା, ହେମନ୍ତ ପଟ୍ଟନାୟକ, ଉଲ୍ଲାସ ପାଇକରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଅନ୍ତିମ ସଂସ୍କାର କରିଥିବା ବେଳେ ପୁଅ ଭବାନୀ ଶଙ୍କର ମିଶ୍ର ମୁଖାଗ୍ନି ଦେଇଥିଲେ।

# ଭଏସ୍ ଅଫ୍ କଟକ ପକ୍ଷରୁ ସମ୍ବର୍ଦ୍ଧନା



**କଟକ,୨୨।୨(ସମିସ):** ପଶ୍ଚିମବଙ୍ଗ ନଦୀୟା ଜିଲ୍ଲାର ଦୁଇ ଯୁବକ ବିଶ୍ୱଜିତ ଦାସ ଏବଂ କୈଳାସ ସରକାର ପଦଯାତ୍ରାରେ କଟକ ଆସିଛନ୍ତି। ଉଭୟ ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରହାଳୟ ତଥା ଜାନକୀନାଥ ଭବନରେ ଆଜି ପହଞ୍ଚିଥିଲେ। ଉଭୟଙ୍କୁ ସାମାଜିକ ସଙ୍ଗଠନ ଭଏସ ଅଫ କଟକ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱଜିତ ଏବଂ କୈଳାସ ଗତ ଜାନୁୟାରୀ ୨ ତାରିଖରେ ପଶ୍ଚିମବଙ୍ଗରୁ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ୫୩ଦିନ ପରେ ଉଭୟ କଟକରେ ପହଞ୍ଚିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ସୌମ୍ୟଦୀପ ଘୋଷ, ସିଦ୍ଧାର୍ଥ ମହାନ୍ତି, ମେହବୁବ ମେହତାବ, ଦେବାଶିଷ ବେହେରା, ଆଲୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବୋମାମାଡ଼କୁ ମାସେ ବିତିଗଲା

# ଅଭିଯୁକ୍ତର ଟେର୍ ପାଉନି ପୁଲିସ

**କଟକ,୨୨।୨(ସମିସ):** ଗତ ଜାନୁଆରୀ ୧୦ ତାରିଖ ରାତି ସାଢେ ଦଶରୁ ଏଗାରଟା ମଧ୍ୟରେ କଟକ ସଦର ଥାନା ଅଧୀନ ସୁଭଦ୍ରାପୁର ଗ୍ରାମର ବାଉଁଶ ବେପାରୀ ଅଜୟ କୁମାର ନାୟକଙ୍କ ଘର ଉପରକୁ ବୋମାମାଡ ହୋଇଥିଲା। ଏହି ବୋମାମାଡରେ କାହାରି କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଘରର କିଛି ଜିନିଷ କ୍ଷତି ହୋଇଥିଲା। ବୋମାମାଡ ଘଟଣା ଇତିମଧ୍ୟରେ ମାସେ ଉପରେ ହୋଇଗଲାଣି କିନ୍ତୁ ପୁଲିସ ଏ ପର୍ଯ୍ୟନ୍ତ କାହାରିକୁ ଧରିବାରେ ସକ୍ଷମ ହୋଇନାହିଁ। ବାଉଁଶ ବେପାରକୁ ନେଇ ଅଜୟଙ୍କ ଘର ଉପରକୁ ବୋମାମାଡ ହୋଇଥାଇ ପାରେ କିମ୍ବା ତାଙ୍କର ଅନ୍ୟ କୌଣସି ଶତ୍ରୁତାରୁ ତାଙ୍କୁ ଭୟଭୀତ କରିବାପାଇଁ ଏଭଳି ବୋମାମାଡ ହୋଇଥାଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ପୁଲିସ ଏ ଦିଗରେ ତଦନ୍ତ ନ କରି କେବଳ ଗ୍ରାମରେ ଲାଗିଥିବା କିଛି ସିସି କ୍ୟାମେରାର ଫୁଟେଜ ଓ ସନ୍ଦେହରେ କେତେଜଣକ ମୋବାଇଲକୁ ଟ୍ରାକ କରି ତା'ଦେହରୁ କୌଣସି ସୁରାକ ନ ମିଳିବାରୁ ପୁଲିସ ହାତ ବାନ୍ଧି ବସିଛି। ପୁଲିସ ଠାରୁ କୌଣସି ନ୍ୟାୟ ନ ମିଳିବାରୁ ବର୍ତ୍ତମାନ ସୁଦ୍ଧା ଅଜୟ ଓ ତାଙ୍କ ପରିବାର ଭୟଭୀତ ଅବସ୍ଥାରେ କାଳତିପାତ କରୁଛନ୍ତି।

ପ୍ରକାଶଥାଉ କି, ଗତ ମାଣବସା ଗୁରୁବାରରେ କନ୍ଦରପୁର ଥାନା ପରମହଂସ ନଦୀପଠାରେ ଏକ ମହିଳାକୁ ହତ୍ୟାକରି ଆସାମୀମାନେ ଫେରାର ହୋଇଯାଇଥିଲେ। ସେତେବେଳେ ମହିଳାଙ୍କ ପରିଚୟ କିମ୍ବା ତାଙ୍କର ଠିକଣା ପୁଲିସ ପାଇ ନ ଥିଲା ବେଳେ ସେଠାରୁ ଗୋଟେ ଟେଲର ଷ୍ଟିକରକୁ ପାଇ ପୁଲିସ ଆସାମୀଙ୍କୁ କେନ୍ଦ୍ରାପଡା ଓ ଗୁଜରାଟରୁ ବହୁତ କମ ସମୟ ମଧ୍ୟରେ ଧରିବାରେ ସକ୍ଷମ ହୋଇପାରିଥିଲା; କିନ୍ତୁ ସଦର ପୁଲିସକୁ ବୋମାମାଡ ଘଟଣାରେ କିଛି ସୁରାକ ମିଳିଥିଲେ ସୁଦ୍ଧା ତାହା ଉପରେ ଏତେ ଗୁରୁତ୍ୱ ନ ଦେଇ ଅତି ହାଲୁକାଭାବେ କେସ୍‌କୁ ଚାପି ଦିଆଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଧୀରେ ଧୀରେ ପୁଲିସ ଉପରୁ ବର୍ତ୍ତମାନ ଲୋକଙ୍କ ଭରସା ତୁଟିବାକୁ ବସିଲାଣି ଏତେ ବଡ ବଡ ଘଟଣାରେ ପୁଲିସ ଯଦି କାହାରିକୁ ଧରିବାରେ ସକ୍ଷମ ହୋଇପାରିନାହିଁ ତେବେ ସାଧାରଣ ଘଟଣାରେ ପୁଲିସ କେତେ ସକ୍ଷମ ହେବ ତାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଆଲୋଚନାର ବିଷୟ ପାଲଟିଛି।

## ଆକାଶଛୁଆଁ ଗୋ-ଖାଦ୍ୟ ଦର

# ଦୁଗ୍ଧ ଚାଷୀଙ୍କ ଉପରେ ଚଡ଼କ

**କଟକ,୨୨।୨(ସମିସ):** ଗୋ-ଖାଦ୍ୟ ଦର ଅହେତୁକ ବୃଦ୍ଧି ହେତୁ ଦୁଗ୍ଧ ଚାଷୀ ମାନେ ଏବେ ହତାଶ ହୋଇପଡିଛନ୍ତି। ବିଶେଷକରି ଗୋଖାଦ୍ୟ ଦର ଯେଉଁଭଳି ଭାବେ ଆକାଶଛୁଆଁ ହୋଇଚାଲିଛି ସେହି ଅନୁସାରେ ଦୁଗ୍ଧ ଦର ମିଳୁ ନ ଥିବା ଚାଷୀ କହିଛନ୍ତି। ଅବିଭକ୍ତ କଟକ ଜିଲ୍ଲା ରାଜ୍ୟରେ ଦୁଗ୍ଧ ଚାଷର ଏକ ପ୍ରମୁଖ ପେଣ୍ଠ ସ୍ଥଳ ହୋଇଥିବା ବେଳେ ଗୋଖାଦ୍ୟ ତଥା ଚୋକଡ, ମୁଗ ଚୁନି, ମକା ଦାନା ଆଦି ଦର ବୃଦ୍ଧି ପାଇଁ ଗୋପାଳକ ମାନେ ଗୋପାଳନ ପାଇଁ ମୁହଁ ଫେରାଇବା ଭଳି ସ୍ଥିତି ଉପୁଜିଲାଣି। ସୂଚନାନୁସାରେ ଗତ ୬ମାସ ମଧ୍ୟରେ ପ୍ରମୁଖ ଗୋଖାଦ୍ୟ ତଥା ଚୋକଡ,ଚୁନି ଆଦିର ଦର କ୍ୱିଣ୍ଟାଲ ପ୍ରତି ୫୦୦ରୁ ୬୦୦ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ପାଇଥିବା ଜଣାପଡିଛି। ବଜାରରେ ଚୋକଡ କ୍ୱିଣ୍ଟାଲ ପ୍ରତି ୨୩୦୦ଟଙ୍କାରୁ ବୃଦ୍ଧି ପାଇ ୩୧୦୦ଟଙ୍କାରେ ପହଞ୍ଚିଲାଣି। ସେହିପରି ଚୁନି ଦର ମଧ୍ୟ ଅନୁରୂପ ବୃଦ୍ଧି ପାଇ ୨୪୦୦ଟଙ୍କା ହୋଇଛି। ଗୋଟିଏ ଗାଇ ଦୈନିକ ୮ରୁ ୧୦କିଲୋ ଗୋଖାଦ୍ୟ ଖାଉଥିବା ବେଳେ ଏହି ବାବଦରେ ଚାଷୀଙ୍କୁ ଅତିରିକ୍ତ ୫୦ଟଙ୍କା ବୋଝ ମୁଣ୍ଡାଇବାକୁ ପଡୁଛି। ଦୁଗ୍ଧ ଦର କିନ୍ତୁ ଓମଫେଡ ସମେତ ଅନ୍ୟ ସଂସ୍ଥା ଗୁଡିକ ପକ୍ଷରୁ ଲିଟର ପ୍ରତି ଫ୍ୟାଟ ଆଧାରରେ ସ୍ଥିର କରାଯାଉଛି। ଏହି ଅନୁସାରେ ଜଣେ ଚାଷୀ ହାରାହାରି ଲିଟର ପ୍ରତି ୪୫ଟଙ୍କା ପାଉଛି। କେତେକ ଘରୋଇ କମ୍ପାନୀ ଚାଷୀଙ୍କୁ ବର୍ଦ୍ଧିତ ମୂଲ୍ୟ ପ୍ରଦାନ କରୁଛନ୍ତି। ଚାଷୀଙ୍କ କହିବାନୁସାରେ ବିଗତ କିଛି ଦିନ ହେବ ଗହମ ସଂକଟ ଦେଖାଦେବା ପରେ ଏହାର ପ୍ରଭାବ ଗୋଖାଦ୍ୟ ଉତ୍ପାଦନ ଉପରେ ପଡିଛି। ସେହିପରି ଗହମ ଅଟା ଦର ବୃଦ୍ଧି ହେତୁ ଚୋକଡ ଦର ବଢିଚାଲିଛି। ସେହିପରି ବଜାରରେ ମିଳୁଥିବା ବିଭିନ୍ନ କମ୍ପାନୀର ଗୋଖାଦ୍ୟ ପ୍ୟାକେଟ ଉପରେ ଏମଆରପି ଉଲ୍ଲେଖ କରାଯାଉନଥିବାରୁ ବ୍ୟବସାୟୀମାନେ ମନଇଚ୍ଛା ଦର କଷୁଥିବା ଅଭିଯୋଗ ହେଉଛି। ସହରକୁ ଦୈନନ୍ଦିନ ପ୍ରାୟ ୫୦ଟନ୍ ଛେନା ଓ ପନିର ଆସିଥାଏ। ଏଗୁଡିକ ସାଧାରଣତଃ କଟକ ସହରର ମିଷ୍ଟାନ ବ୍ୟବସାୟ ପ୍ରତିଷ୍ଠାନ ଓ ହୋଟେଲ, ରେଷ୍ଟୁରାଣ୍ଟଗୁଡିକରେ ବ୍ୟବହାର କରାଯାଇଥାଏ। ସହରରୁ ଛେନା, ପନିର ଆଦି ରାଉରକେଲା, ସମ୍ବଲପୁର, ଢେଙ୍କାନାଳ, ଅନୁଗୁଳ ଆଦି ଅଞ୍ଚଳକୁ ଯାଇଥାଏ। ଦୁଗ୍ଧ ଚାଷୀଙ୍କ କହିବାନୁଯାୟୀ ଦୁଗ୍ଧଜାତ ଦ୍ରବ୍ୟ ପୁରୁଣା ଦରରେ ଯୋଗାଇବା ସମ୍ଭବପର ହେଉନି। ଦୁଗ୍ଧ ଦର ବଢିନଥିବାରୁ ଦୁଗ୍ଧଜାତ ଦ୍ରବ୍ୟ ମୂଲ୍ୟ ମଧ୍ୟ ବଢିପାରୁନାହିଁ ବୋଲି କୁହାଯାଉଛି।

**କ୍ୱିଣ୍ଟାଲ ପ୍ରତି ୩୧୦୦ ଟଙ୍କା ଛୁଇଁଲାଣି**

# ଶ୍ରୀଧର ଶେଖରଙ୍କୁ ବିଶ୍ୱନାଥ କର ସାହିତ୍ୟ ସମ୍ମାନ

**ନିଶ୍ଚିନ୍ତକୋଇଲି,୨୨।୨(ସମିସ):** ନିଶ୍ଚିନ୍ତକୋଇଲିର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ନବଉତ୍କଳ ଲେଖକ ପରିଷଦର ସଭାପତି ତଥା ଉର୍ବୀ ପତ୍ରିକାର ସମ୍ପାଦକ ବିଶିଷ୍ଟ ସାରସ୍ୱତ ସାଧକ ଶିଖର କବି ଶ୍ରୀଧର ଶେଖର ମହାପାତ୍ରଙ୍କୁ ବିଶ୍ୱନାଥ କର ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ମାହାଙ୍ଗା ସାହିତ୍ୟ ସଂସ୍କୃତି ପରିଷଦର ରଜତ ଜୟନ୍ତୀ ଉତ୍ସବରେ ଅନୁଷ୍ଠାନର ସଭାପତି ଡ. ଭୁବନାନନ୍ଦ ସାହୁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ବରିଷ୍ଠ ସାହିତ୍ୟିକ ପ୍ରଫେସର ଡ଼ଃ ବୈଷ୍ଣବ ଚରଣ ସାମଲ ଯୋଗଦେଇ ଶ୍ରୀ ମହାପାତ୍ରଙ୍କୁ ମାନପତ୍ର ଓ ଉପଢୌକନ, ସ୍ମୃତିଫଳକ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପରିବାରର ସମ୍ପାଦକ ପ୍ରମୋଦ କୁମାର ନାୟକ, ସାହିତ୍ୟିକ ଶାରଦାପ୍ରସାଦ ମିଶ୍ର, କବି ଖଗେଶ୍ୱର ମହାନ୍ତି, ସାରସ୍ୱତ ସାଧକ ବିଶେଶ୍ୱର ମହାନ୍ତିଙ୍କ ସମେତ ବହୁ ସାହିତ୍ୟିକ, କବି, ଲେଖକ ଓ ସାମ୍ବାଦିକମାନେ ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣାଇଛନ୍ତି।



# ଶତାୟୁ ମହିଳାଙ୍କ ସ୍ମୃତିଚାରଣ ସଭା

**ଭଦ୍ରେଶ୍ୱର,୨୨।୨(ସମିସ):** ମାହାଙ୍ଗାର ବ୍ଲକ ଗୋତରା ଗ୍ରାମପଞ୍ଚାୟତ ଆପିଲୋ ଗ୍ରାମର ଶତାୟୁ ବୃଦ୍ଧା ସତୀ ସ୍ୱାଇଁଙ୍କର ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ସ୍ୱର୍ଗତ ଦିବାକର ସ୍ୱାଇଁଙ୍କ ଧର୍ମପତ୍ନୀ ସତୀ ସ୍ୱାଇଁଙ୍କର ୧୦୭ବର୍ଷରେ ପରଲୋକ ହୋଇଥିଲା। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ଗୋତରା ଗ୍ରାମପଞ୍ଚାୟତ ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ରତ୍ନାକର ସ୍ୱାଇଁ, ଜଟାଧାରୀ ସ୍ୱାଇଁ, ସୁନାକର ସ୍ୱାଇଁ, ଉମାକାନ୍ତ ସ୍ୱାଇଁ, ରମାକାନ୍ତ ସ୍ୱାଇଁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରି ସ୍ୱର୍ଗୀୟା ସ୍ୱାଇଁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

# ଇମ୍ଫାର ଦାତବ୍ୟ ସ୍ୱାସ୍ଥ୍ୟ ଶିବିର




**ଚୌଦ୍ୱାର,୨୨।୨(ସମିସ):** ଇମ୍ଫାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଆନୁକୂଲ୍ୟରେ ଶନିବାର ଏକ ଦାତବ୍ୟ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ମହିଷାଁଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସରପଞ୍ଚ କଲ୍ୟାଣୀ ରାଉତ, ଇମ୍ଫାର ସାଧାରଣ ପ୍ରବନ୍ଧକ ସୁଜିତ ମିଶ୍ର ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟ ଦେବୀପ୍ରସାଦ ସ୍ୱାଇଁ, କୁଳମଣି ଦେହୁରୀ, ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ଟିଉ, ପୁଷ୍ପଲତା ଦେହୁରୀ, ନିବେଦିତା ସ୍ୱାଇଁ ଉପସ୍ଥିତ ଥିଲେ। ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ୫ଶହରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଇମ୍ଫାର ସଞ୍ଜୀବ ଗୁପ୍ତା, ନିରଞ୍ଜନ ସାହୁ, ସରୋଜ ସାହୁ, ପ୍ରଦ୍ୟୁମ୍ନ ତ୍ରିପାଠୀ, ସୁନୀଲ କ୍ରୀଷ୍ଣା ଦାସ, ପ୍ରଦୀପ୍ତ ସାହୁ, ଅଶାନ୍ତ ବେହେରା, ରଞ୍ଜିତ ବେହେରା, ଲୋକସଂପର୍କ ଅଧିକାରୀ ଅଭିଷେକ ଘୋଷ ଉପସ୍ଥିତ ଥିଲେ। ମାନସ ରଞ୍ଜନ ପ୍ରଧାନ, ବିଆଇପିଏଫ୍‌ର ସ୍ଥିତପ୍ରଜ୍ଞା ଦାସ, ପିଙ୍କି ସାହୁ, ମନୋଜ ମହାପାତ୍ର, ସୌଭାଗ୍ୟ ପ୍ରଧାନ ଓ ଲୋକସଂପର୍କ ଅଧିକାରୀ ମାନସ ବସନ୍ତିଆ ସଂଯୋଜନା କରିଥିଲେ।

## ସୂଚନା ଆଇନରେ ଖୋଲିଲା ଓରତି ପଞ୍ଚାୟତର ଦୁର୍ନୀତି

# ରାସ୍ତା ଖେଳପଡ଼ିଆ ନାମରେ ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ବିଲ୍

ନିଶ୍ଚିନ୍ତକୋଇଲି,୨୨।୨(ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ଓରତି ପଞ୍ଚାୟତରେ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଛି। ସୂଚନା ଅଧିକାର ଆଇନ ବଳରେ ଗ୍ରାମବାସୀ ଏହି ଦୁର୍ନୀତିମୂଳକ କାର୍ଯ୍ୟଗୁଡ଼ିକର ପର୍ଦ୍ଦାଫାସ କରିଛନ୍ତି। ଏହି ସୂଚନା ଆଇନ ତଥ୍ୟ ବଳରେ ସମସ୍ତ ଘଟଣା ଧରାପଡ଼ିବା ପରେ ଏହାର ବିଧିବଦ୍ଧ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ସରକାରଙ୍କ ସମୟରେ ପଞ୍ଚାୟତ ଜନପ୍ରତିନିଧି ଓ କୁଜିନେତାମାନେ ଅନେକ କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ୍ ଉଠାଇଥିବା ଜଣାଯାଇଛି। ଏହି ପଞ୍ଚାୟତରେ ଗୋଟିଏ ରାସ୍ତା ଓ ଗୋଟିଏ ଖେଳପଡ଼ିଆ ଉନ୍ନତିକରଣ କାର୍ଯ୍ୟରେ ବହୁ ଦୁର୍ନୀତି ହୋଇଥିବାବେଳେ ଏକ ଗୋଚର ଜମିରେ ପୋଖରୀ ଖୋଳାଯାଇ ଏହାର ମାଟିକୁ ଅନ୍ୟ ଏକ ଗୋଚର ଜମିରେ ପକାଯାଇଥିବା ସହ ବହୁ ମାଟିକୁ ବିକ୍ରି କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ପୋଖରୀ ଖୋଳିବାରେ ବିଲ୍ କରାଯାଇଥିବା ବେଳେ ଗୋଚର ଜମିରେ ମାଟି ପଡ଼ିଥିବା ଦର୍ଶାଇ ମଧ୍ୟ ବିଲ୍ କରି ଅର୍ଥ ହଡ଼ପ କରିବାରେ ସମ୍ପୃକ୍ତ ଜନପ୍ରତିନିଧି ଓ କୁଜିନେତାମାନେ ସକ୍ଷମ ହୋଇଛନ୍ତି। ଏହି ଦୁର୍ନୀତି କରିବା ପଛରେ ବ୍ଲକର ଖୋଦ୍ କେତେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଯନ୍ତ୍ରୀମାନଙ୍କର ହାତ ରହିଥିବା ଜଣାଯାଇଛି।

## ଉଚ୍ଚସ୍ତରୀୟ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିକଲେ ଗ୍ରାମବାସୀ

ସରକାରୀ ନିୟମାନୁଯାୟୀ ୨୦୧୮ ମସିହାରୁ ପଞ୍ଚାୟତ ଓ ବ୍ଲକସ୍ତରରେ ୧୦ଲକ୍ଷ ପର୍ଯ୍ୟନ୍ତ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାଦେଶ ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ ଓ ଅଧିକାରୀଙ୍କ ନାମରେ ରହୁଥିଲା। ଏହି ପଞ୍ଚାୟତରେ ୨୦୨୦-୨୧ ଆର୍ଥିକ ବର୍ଷରେ ୩ ଲକ୍ଷ ୩୬ ହଜାର ୧୮୧ଟଙ୍କା ଅଟକଳରେ ତୋଟାଗଡ଼ିଆଠାରୁ ବଣିଆ ହୁଙ୍କା ପର୍ଯ୍ୟନ୍ତ ଏକ ରାସ୍ତା ଉନ୍ନତିକରଣ କାର୍ଯ୍ୟ କରାଯାଇଥିବା ଦର୍ଶାଇ ବିଲ୍ ଉଠାଯାଇଥିବା ଜଣାଯାଇଛି। ସେହିପରି ପଞ୍ଚାୟତରେ ଥିବା ଏକ ଗୋଚର ଜମିରେ ଖେଳପଡ଼ିଆ ନିର୍ମାଣରେ କୌଣସି ଡିରିଜର୍ଭେସନ କରା ନ ଯାଇ ଭିନ୍ନ ଭିନ୍ନ ସ୍କିମ୍‌ରେ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଇ ବିଲ୍ ମଧ୍ୟ ହୋଇଛି। ଏହାଛଡ଼ା ଅନ୍ୟ ଏକ ଗୋଚର ଜମିରେ ଯାହାକି ଗାଈ ଗୋରୁମାନେ ଚରାବୁଲା କରିବା ପାଇଁ ନିର୍ଭରଶୀଳ ଥିଲା ସେଥିରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଖରୀ ଖୋଳାଯାଇ ତାର ମାଟିକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ପଞ୍ଚାୟତରେ ଏହି ୩ଟି ପ୍ରକଳ୍ପ ଛଡ଼ା ଅନ୍ୟ ବହୁ କାର୍ଯ୍ୟରେ ଦୁର୍ନୀତି କରାଯାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବାର ସୂଚନା ଅଧିକାର ଆଇନ ଦସ୍ତାବିଜରୁ ଜଣାଯାଇଛି। ଉକ୍ତ ଦୁର୍ନୀତିମୂଳ କାର୍ଯ୍ୟଗୁଡ଼ିକୁ ତଦନ୍ତ କରାଯିବା ସହିତ, ଦୁର୍ନୀତିଗ୍ରସ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସୂଚନା ଅଧିକାରୀ କର୍ମୀ ତଥା ୧୬ନଂ ୱାର୍ଡସଭ୍ୟ ଜୟନ୍ତ ମଲିକ, ସ୍ଥାନୀୟ ବାସିନ୍ଦା ପିତାମ୍ବର ଜେନା, ସମୀର କୁମାର ରାଉତଙ୍କ ସମେତ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ବିଡିଓ ଦ୍ୱିବ୍ୟେନ୍ଦୁ କୁମାର ଦାସଙ୍କ ପଚାରିବାରୁ ଏହି ଅଭିଯୋଗ ସଂକ୍ରାନ୍ତରେ ମୁଁ ଅବଗତ ନାହିଁ ଯଦି ଅଭିଯୋଗ ହୋଇଥାଏ ତା ହେଲେ ନିରପେକ୍ଷ ତଦନ୍ତ ପୂର୍ବକୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି।



# ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଶ୍ରାଦ୍ଧ ଉତ୍ସବ



**ନିଶ୍ଚିନ୍ତକୋଇଲି,୨୨।୨(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ନତକାଇ ବାଣୀନଗର ଠାରେ ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ, ଅଧ୍ୟାପକ କାଳିନ୍ଦୀ ବେହେରାଙ୍କର ଦଶମ ବାର୍ଷିକ ଶ୍ରାଦ୍ଧଦିବସ ପାଳିତ ହୋଇଛି। ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁଙ୍କ ପୌରହିତ୍ୟରେ ପୂର୍ବତନ ସମିତିସଭ୍ୟ ଯତିନ୍ଦ୍ରନାଥ ଜେନା, ସାହିତ୍ୟିକ ଦେବେନ୍ଦ୍ର ସାହୁ, ଯୁବନେତା ସତ୍ୟସାରଥୀ ବେହେରା, ସନ୍ତୋଷ ରାଉତ, ଚିତ୍ତରଞ୍ଜନ ପ୍ରଧାନ, ଜଗବନ୍ଧୁ ପ୍ରଧାନ, ରାଜକିଶୋର ନାୟକ, ସୁବାଶିଷ ଷଡ଼ଙ୍ଗୀ, କୁଳମଣି ରାଉତ ପ୍ରମୁଖ ଯୋଗ ଦେଇଥିଲେ। ବଲ୍ଲଭୀଦେବୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା, ଆଧ୍ୟାତ୍ମିକ କାର୍ଯ୍ୟରେ ବିକାଶ ପାଇଁ ଶକ୍ତିଶ୍ୱର ଶୈବ ମନ୍ଦିର, ସାଇମନ୍ଦିର, ଦକ୍ଷିଣକାଳୀ ମନ୍ଦିର ଓ ମହାବୀର ମନ୍ଦିର ଆଦି ପ୍ରତିଷ୍ଠା କରିବା ସହିତ ଓଡ଼ିଆ ଭାଷା ସାହିତ୍ୟର ବିକାଶ ପାଇଁ ବିଭିନ୍ନ ନାଟକ, ଗଳ୍ପ, ବ୍ୟଙ୍ଗ ରଚନା ଏବଂ ଭଜନ ସଂଗୀତ ରଚନା ଆଦି କାର୍ଯ୍ୟ କରି ଚିରସ୍ମରଣୀୟ ହୋଇପାରିଛନ୍ତି ବୋଲି ମତ ବ୍ୟକ୍ତ କରିଥିଲେ। ସେହିପରି ବଲ୍ଲଭୀଦେବୀ ମହିଳା ମହାବିଦ୍ୟାଳୟରେ ମଧ୍ୟ ସ୍ୱର୍ଗତ ବେହେରାଙ୍କ ତିରୋଧାନ ଦିବସରେ ଅଧ୍ୟକ୍ଷ ଡ. ପୁଷ୍ପିତା ଜେନା, ନିବେଦିତା ଦାଶଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ତିରୋଧାନ ଦିବସରେ ସ୍ମୃତିଚାରଣ କରିଥିଲେ।

